# ଇଫ୍‌କୋରେ ଉତ୍ପାଦିତ ଜୈବିକ ସାରର ବଜାର ପ୍ରବେଶ

ପାରାଦ୍ୱୀପ, ୧୧।୫ (ସ.ପ୍ର): ଓଡିଶାରେ ପ୍ରଥମ ଥର ପାଇଁ ଜୈବିକ ସାର ଉତ୍ପାଦନ କରି ଇଫକୋ ପ୍ରଥମ କରି ବଜାରକୁ ଛାଡିଛି । ଏହି ସାରର ବଜାରପ୍ରବେଶ ଓ ଉଦଘାଟନ ଅବସରରେ ଏକ ସଭା ଇଫକୋ ପ୍ରକଳ୍ପ ପରିସରରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ.ଉଦୟ ଶଙ୍କର ଅବସ୍ଥି ଯୋଗ ଦେଇ କହିଲେ, ଜୈବିକ ସାରକାରଖାନା ଏହି ଇଫକୋ ପ୍ରକଳ୍ପ ପରିସରରେ ହିଁ ପ୍ରତିଷ୍ଠା ହୋଇଛି। ଏହା ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳ ଓ ଅତ୍ୟାଧୁନିକ ପ୍ରଣାଳୀରେ ଉତ୍ପାଦିତ ହେଉଛି। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ପାରାଦ୍ୱୀପ ଇଫକୋ ପ୍ରକଳ୍ପରେ ପ୍ରାୟ ୪କୋଟି ଟଙ୍କା ବିନିଯୋଗ ହୋଇଛି। ବର୍ତ୍ତମାନ ବାର୍ଷିକ ପ୍ରାୟ ୧ଲକ୍ଷ ଲିଟର ଜୈବିକ ସାର ଉତ୍ପାଦନ କରାଯାଇ ବଜାରକୁ ଛଡାଯିବ। ଚାହିଦା ଅନୁସାରେ ଉତ୍ପାଦନରେ ବୃଦ୍ଧି କରାଯିବା ପାଇଁ ଲକ୍ଷ ରଖାଯାଇଛି । ତେବେ ଏହି ଜୈବିକ ସାର ଚାଷ ପାଇଁ ରସାୟନିକ ସାରଠାରୁ ଅଧିକ ଉପାଦେୟ। ଯେଉଁଠି ଚାଷ ଜମିରେ ଉର୍ବର ଫସଲ ପାଇଁ ରସାୟନିକ ସାର ପ୍ରୟୋଗ କରାଯାଉଥିଲା, ସେଠାରେ ବହୁ କମ୍ ଖର୍ଚ୍ଚରେ ଏହି ଜୈବିକ ସାର ପ୍ରୟୋଗ କରାଯିବ। ଜୈବିକ ସାର ପ୍ରୟୋଗରେ ମାଟିର ଉର୍ବରତା ନଷ୍ଟ ନ ହୋଇ ବୃଦ୍ଧି ପାଇବ । ସେ ଦୃଷ୍ଟିରୁ ୧ଲିଟର ଜୈବିକ ସାରରେ ପ୍ରାୟ ୧ହେକ୍ଟର ଜମି ଓ ପ୍ରାୟ ୧ଏକରକୁ ପ୍ରାୟ ୪୦୦ ମିଲି ଲିଟର ଜୈବିକ ସାର ପ୍ରୟୋଗ କରାଯିବ।

ଜୈବିକ ସାର ପ୍ରଥମ କରି ଉତ୍ପାଦିତ ଓ ଓଡିଶା ବଜାରରେ ପ୍ରବେଶ କରାଯାଉଥିବାରୁ ଏନେଇ କାରଖାନା ପରିସରରେ ଏକ କୃଷକ ସମାବେଶର ଆୟୋଜନ କରାଯାଇଥିଲା । ସମାବେଶରେ ପାଖାପାଖି ଶତାଧିକ ଚାଷୀ ଯୋଗଦେଇଥିବା




ବେଳେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଚାଷୀମାନେ ନିମନ୍ତ୍ରିତ ହୋଇଥିଲେ । ସଭାରେ ଡ. ଅବସ୍ଥିଙ୍କ ସହ ପାରାଦ୍ୱୀପ ପ୍ରକଳ୍ପ ମୁଖ୍ୟ ଆଶିଷ କୁମାର ପଣ୍ଡା, ଓଡିଶା ପ୍ରବନ୍ଧକ ଏସ୍ .ଚଟ୍ଟୋପାଧ୍ୟାୟ, ଡ. ମନ୍ମଥ ପ୍ରସାଦ, ମାନବ ସମ୍ବଳ ଓ ପ୍ରଶାସନିକ ପ୍ରବନ୍ଧକ ଜ୍ଞାନଚାନ୍ଦ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ନୂତନ ଭାବେ ଉତ୍ପାଦିତ ଜୈବିକ ସାରର ଉପକାରିତା ସଂପର୍କରେ ସଭାରେ ବିସ୍ତୃତ ତଥ୍ୟ ପ୍ରଦାନ କରାଯାଇଥିଲା।